# ସୁପ୍ରିମ୍ କୋର୍ଟ ଓ ଓଡିଶା ହାଇକୋର୍ଟରେ ସୂଚନା ଅଧିକାର ଆଇନ୍

## କ'ଣ ଆଶା ଥିଲା ?

ପାଠକେ ଜାଣିଥିବେ, ସୂଚନା ଅଧିକାର ଆଇନ-୨୦୦୫ର ଧାରା ୨(ଇ) ଅନୁଯାୟୀ ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ହେଉଛନ୍ତି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ, ଯେଉଁମାନେ କି ନିଜନିଜ କ୍ଷମତା ପରିସର ଭିତରେ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରିବେ । କେଉଁସବୁ ବିଷୟରେ ଏହି ନିୟମାବଳୀ ପ୍ରଣୟନ ହୋଇପାରେ, ତାହା ମଧ୍ୟ ଧାରା ୨୮ ଅଧୀନରେ ସ୍ପଷ୍ଟ କରିଦିଆଯାଇଛି, ଯଥା, ଧାରା ୪(୪) ଅଧୀନରେ ଘୋଷିତ ହୋଇଥିବା ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରଦାନ ବାବଦ ଫିସ୍, ଧାରା ୬(୧) ଅଧୀନସ୍ଥ ଦରଖାସ୍ତ ଫିସ୍ ଏବଂ ଧାରା ୭(୧) ଅଧୀନରେ ଆବେଦନ-ଭିତ୍ତିକ ସୂଚନା ପ୍ରଦାନ ବାବଦ ଫିସ୍ । ଧାରା ୭(୫) ଅନୁଯାୟୀ ଏହିସବୁ ଫିସ୍ ଯଥୋଚିତ ହେବ ଏବଂ ପ୍ରଥମ ଫିସ୍ ଛାଡି ଅନ୍ୟ ଦୁଇଟି ଫିସ୍ ବି.ପି.ଏଲ୍. ପରିବାରମାନଙ୍କ ପାଇଁ ଲାଗୁ ହେବନାହିଁ । ଏହାଛଡା, ଧାରା-୫ ଅନୁଯାୟୀ ଏହି ଆଇନ୍ ଲାଗୁ ହେବା ତାରିଖ (୧୫ଜୁନ୍ ୨୦୦୫)ର ୧୦୦ଦିନ ମଧ୍ୟରେ ପ୍ରତି ଜନର୍ତ୍ତୃପକ୍ଷ ନିଜର ମୁଖ୍ୟାଳୟ ଓ ପ୍ରତି ଶାଖା ଦପ୍ତର ପାଇଁ ଜନସୂଚନା ଅଧିକାରୀ, ଅତିରିକ୍ତ ଜନସୂଚନା ଅଧିକାରୀ ତଥା ଅପିଲ୍ ଅଧିକାରୀ ନିଯୁକ୍ତ କରିବେ । ସର୍ବୋପରି ଧାରା ୪(୧-ବି) ଅନୁଯାୟୀ ଆଇନ୍ ଲାଗୁ ହେବାର ୧୨୦ ଦିନ, ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ପ୍ରତି ଜନ କର୍ତ୍ତୃପକ୍ଷ ତାଙ୍କ ଅଧୀନରେ ନିଯୁକ୍ତ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କର କ୍ଷମତା, କାର୍ଯ୍ୟାବଳୀ ଏବଂ ବେତନ ଓ ଭତ୍ତା ଆଦି ପ୍ରାପ୍ୟ, ସଂସ୍ଥାର ବଜେଟ୍, ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟା ତଥା ସୂଚନା ବିତରଣ ପାଇଁ ଉଦ୍ଦିଷ୍ଟ ସୁବିଧାସୁଯୋଗ ଭଳି ୧୭ଟି ବିଷୟରେ ନିଜ ତରଫରୁ ଇଣ୍ଟରନେଟ୍ ସମେତ ବିଭିନ୍ନ ମାଧ୍ୟମରେ ପ୍ରସାରଣ କରିଥିବେ । ଧାରା ୪(୩)ରେ ଏକଥା ମଧ୍ୟ ସ୍ପଷ୍ଟ କରି ଦିଆଯାଇଛି ଯେ, ଏହିସବୁ ସୂଚନା ଏମିତି ପ୍ରସାରଣ କରାଯିବ, ଯାହା ଫଳରେ ସେଗୁଡିକ ଜନସାଧାରଣଙ୍କ ପାଖରେ ସୁଗମ ହୋଇପାରୁଥିବ ଏବଂ ଧାରା ୪(୪) ଅନୁଯାୟୀ ସେଗୁଡିକୁ ସ୍ଥାନୀୟ ଭାଷାରେ ପ୍ରକାଶ କରିଯିବା ସହିତ ମାଗଣା ନଚେତ୍ କେବଳ ମୁଦ୍ରଣ ମୂଲ୍ୟ ବିନିମୟରେ ପ୍ରସାରଣ କରାଯିବ । ସୂଚନା ଅଧିକାର ଆଇନ୍ ସଂପୂର୍ଣ୍ଣ ଭାବେ ଲାଗୁ ହେବା ତାରଖ, ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ଦିନଠାରୁ ହିସାବ କଲେ ଏହା ଭିତରେ ଅଢେଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି । କିନ୍ତୁ ସାଧାରଣ ଲୋକେ ଏପର୍ଯ୍ୟନ୍ତ ଜାଣିପାରି ନାହାନ୍ତି ଯେ, ସେମାନେ ଅନ୍ୟ ସରକାରୀ ଦପ୍ତର ଭଳି ସୁପ୍ରିମ୍ କୋର୍ଟ ଠାରୁ ଆରମ୍ଭ କରି ସବାତଳ କୋର୍ଟ ପର୍ଯ୍ୟନ୍ତ ସମଗ୍ର ବିଚାରବ୍ୟବସ୍ଥାରୁ ଏହି ଆଇନ୍‌କୁ ପ୍ରୟୋଗ କରି ସୂଚନା ପାଇପାରିବେ କି ନାହିଁ । ସୁତରାଂ ନ୍ୟାୟପାଳିକା କ୍ଷେତ୍ରରେ ସୂଚନା ଅଧିକାର ଆଇନ୍‌ର ଏପ୍ରକାର ଦୁଃସ୍ଥିତିର ବିଶ୍ଳେଷଣ ଓ ସମୀକ୍ଷା ଆଜି ଜରୁରୀ ହୋଇପଡିଛି ।

## ସୁପ୍ରିମ୍ କୋର୍ଟ ନିୟମାବଳୀ

ସୂଚନା ଅଧିକାର ଆଇନ୍ ଅନୁଯାୟୀ ସୁପ୍ରିମ୍ କୋର୍ଟ ନିଜ ୱେବ୍‌ସାଇଟ୍‌ରେ ଜନସୂଚନା ଅଧିକାରୀ (ଅତିରିକ୍ତ ଡେପୁଟି ରେଜଷ୍ଟ୍ରାର୍ ) ଏବଂ ଅପିଲ୍ କର୍ତ୍ତୃପକ୍ଷ (ରେଜଷ୍ଟ୍ରାର୍)ଙ୍କ ନାମ ସହିତ ସେମାନଙ୍କ ସହ ଯୋଗାଯୋଗ ପାଇଁ ଫୋନ୍ , ଫ୍ୟାକ୍ସ ଏବଂ ଇମେଲ୍ ଇତ୍ୟାଦିର ସବିଶେଷ ତଥ୍ୟ ଘୋଷଣା କରିଛନ୍ତି । ଏହାଛଡା ସୁପ୍ରିମ୍ କୋର୍ଟ ନିୟମାବଳୀ-୧୯୬୬ର ଆଦେଶ-୧୨(ନିରୀକ୍ଷଣ ଏବଂ ଅନ୍ୱେଷଣ ଇତ୍ୟାଦି) ଅଧୀନରେ ତଥା ଗତ ନଭେମ୍ବର ୨୦୦୭ରେ ପ୍ରକାଶିତ ହୋଇଥିବା ସଂଶୋଧିତ 'ସୁପ୍ରିମ୍ କୋର୍ଟ କାର୍ଯ୍ୟ ଓ କାଯ୍ୟପ୍ରକ୍ରିୟା ସମ୍ବନ୍ଧୀତ ହସ୍ତପୁସ୍ତିକା'ର ଅଧ୍ୟାୟ-୯ (ପ୍ରତିଲିପି ଯୋଗାଣ ଏବଂ ରେକର୍ଡ ନିରୀକ୍ଷଣ)ରେ କୁହାଯାଇଛି ଯେ, ସୁପ୍ରିମ୍ କୋର୍ଟର 'ପ୍ରତିଲିପି ଅନୁବିଭାଗ'ରୁ ଗୋଟିଏ ପକ୍ଷ ବା ତାଙ୍କର ଆଡ୍‌ଭୋକେଟ୍‌ଙ୍କୁ ବିଭିନ୍ନ ଦଲିଲ୍‌ର ୪ ପ୍ରକାର ନକଲ ମିଳିପାରିବ, କାର୍ଯ୍ୟାଳୟ ପ୍ରତିଲିପି (ଅଫିସ୍ କପି), ସାଧାରଣ ପ୍ରମାଣୀକୃତ ପ୍ରତିଲିପି (ଅର୍ଡିନାରି ସାର୍ଟିଫାଏଡ୍ କପି), ଜରୁରୀ କାର୍ଯ୍ୟାଳୟ ପ୍ରତିଲିପି (ଅର୍ଜେଣ୍ଟ ଅଫିସ୍ କପି) ଓ ଜରୁରୀ ପ୍ରମାଣୀକୃତ ପ୍ରତିଲିପି (ଅର୍ଜେଣ୍ଟ ସାର୍ଟିଫାଏଡ୍ କପି) । ଯଦିଓ ଯେକୌଣସି ନକଲ ଯୋଗାଇବା ପାଇଁ ସର୍ବାଧିକ ୭ଦିନର ସମୟସୀମା ଘୋଷିତ କରାଯାଇଛି, କିନ୍ତୁ ଏକ ନିର୍ଦ୍ଧିଷ୍ଟ ଫର୍ମରେ ଆବେଦନ କରିବାର ପରଦିନ ସାଧାରଣ ପ୍ରତିଲିପି ମିଳିପାରିବ, ଏବଂ ଅନ୍ୟ ଧରଣର ପ୍ରତିଲିପି ମିଳିବା ପାଇଁ ୨ଦିନ ଲାଗିବ । ସାଧାରଣ ପ୍ରତିଲିପିର ପୃଷ୍ଠା ପିଛା ମୂଲ୍ୟ ୧ଟଙ୍କା । କିନ୍ତୁ ଯଦି ଜଣେ ବ୍ୟକ୍ତି ଗୋଟିଏ ଦଲିଲ୍‌ର ଜରୁରୀ ନକଲ ନେବାକୁ ଚାହାଁନ୍ତି, ତେବେ ଗୋଟିଏ ଦଲିଲ୍ ପିଛା ଆଉ ୫ଟଙ୍କା ଅତିରିକ୍ତ ଦେୟ ତାଙ୍କୁ ଦେବାକୁ ପଡିବ । ପୁଣି ସେ ଯଦି ଏହାର ପ୍ରମାଣୀକୃତ ନକଲ ଚାହାଁନ୍ତି, ତେବେ ଆଉ ୧୦ଟଙ୍କା ଦେବାକୁ ପଡିବ । ଜଣେ ବ୍ୟକ୍ତି ଗୋଟିଏ କେଶ୍‌ର ପକ୍ଷ ନହୋଇଥିଲେ ମଧ୍ୟ ସେ ଯଥୋଚିତ କାରଣ ଦର୍ଶାଇ ପାରିଲେ ତାଙ୍କୁ ବି ଏସବୁ ନକଲ ଉପରୋକ୍ତ ଦାମ୍‌ରେ ମିଳିପାରିବ । ଜଣେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଅଦାଲତଙ୍କ ଆଦେଶର ପ୍ରଥମ ପ୍ରତିଲିପି ମାଗଣାରେ ମିଳିପାରିବ । ଏହାଛଡା ଜଣେ ବ୍ୟକ୍ତି ସୁପ୍ରିମ୍ କୋର୍ଟଙ୍କ ୱେବ୍‌ସାଇଟ୍‌ରୁ ରାୟ ଓ ଆଦେଶଗୁଡିକର ନକଲ ମାଗଣାରେ ସଂଗ୍ରହ କରିପାରିବେ, ଏବଂ ଏଗୁଡିକ ପ୍ରମାଣୀକୃତ ନକଲ ପଦବାଚ୍ୟ । ପ୍ରତିଲିପି ଯୋଗାଣ ଛଡା ସୁପ୍ରିମ୍ କୋର୍ଟରେ ଅଭିଲେଖ (ରେକର୍ଡ) ନିରୀକ୍ଷଣର ମଧ୍ୟ ସୁବିଧା ରହିଛି । ତିନିଟଙ୍କାର କୋର୍ଟ ଫିସ୍ ସହିତ ଜଣେ ବ୍ୟକ୍ତି ଆବେଦନ କଲେ ସେ ପରଦିନ ସଂପୃକ୍ତ ମକଦ୍ଦମାର ଯେ କୌଣସି ଦଲିଲ୍‌କୁ ଅନ୍ୱେଷଣ (ସର୍ଚ୍ଚ) ଏବଂ ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) କରିପାରିବେ । ସେହି କେଶ୍ ସହ ସଂପୃକ୍ତ ନଥିବା ଜଣେ ବ୍ୟକ୍ତି ମଧ୍ୟ ଯଥୋଚିତ କାରଣ ଦର୍ଶାଇ ଏହି ଅନ୍ୱେଷଣ ଓ ନିରୀକ୍ଷଣର ସୁଯୋଗ ହାସଲ କରିପାରନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେବଳ ବେତନ ଓ ଭତ୍ତା ତଥା ବଜେଟ୍ ସମ୍ବନ୍ଧୀୟ ତଥ୍ୟକୁ ଛାଡିଦେଲେ ସୂଚନା ଅଧିକାର ଆଇନ୍ ଅନୁଯାୟୀ ଅନ୍ୟ ସମସ୍ତ ତଥ୍ୟକୁ ସୁପ୍ରିମ୍ କୋର୍ଟ ଘୋଷଣା କରିସାରିଛନ୍ତି ଏବଂ ଦେୟର ପରିମାଣ ଓ ସୂଚନା ପ୍ରଦାନ ପାଇଁ ସର୍ବୋଚ୍ଚ ସମୟସୀମା ଇତ୍ୟାଦି କେତେକ ପ୍ରକ୍ରିୟାଗତ ବ୍ୟାପାରରେ ଉଭୟ କେନ୍ଦ୍ରୀୟ ସୂଚନା ଅଧିକାର ଆଇନ୍ ଓ ନିୟମାବଳୀ ତୁଳନାରେ ଅଧିକ ଲୋକାଭିମୁଖୀ ବ୍ୟବସ୍ଥା ସ୍ଥାନିତ କରିଛନ୍ତି । ମନିଷ୍ କୁମାର ଖାନ୍ନା ବନାମ ସୁପ୍ରିମ୍ କୋର୍ଟ ନାମକ ଏକ ଗୁରୁତ୍ୱପୂର୍ଣ୍ଣ କେଶ୍ (ଅପିଲ୍ ସଂଖ୍ୟା- ସି.ଆଇ.ସି./ଡବ୍ଲ୍ୟୁ.ବି./ ଏ/ ୨୦୦୬ /୦୦୯୪୦)କୁ ଶୁଣାଣି କଲାପରେ ମୁଖ୍ୟ କେନ୍ଦ୍ରୀୟ ସୂଚନା କମିଶନର୍ ଶ୍ରୀ ଓ୍ୱାଜାହାତ ହବିବୁଲ୍ଲା ମନ୍ତବ୍ୟ ଦେଇଛନ୍ତି ଯେ, ଫିସ୍ ଓ ପ୍ରକ୍ରୟା ସମ୍ବନ୍ଧୀତ କିଛି ଭିନ୍ନତାକୁ ଛାଡିଦେଲେ ସୁପ୍ରିମ୍ କୋର୍ଟ ନିୟମାବଳୀ ଓ ସୂଚନା ଅଧିକାର ଆଇନ୍ ଭିତରେ କୌଣସି ମୌଳିକ ଅସଂଗତି ନାହିଁ ।

## ଓଡିଶା ହାଇକୋର୍ଟଙ୍କ ସୂଚନା ଅଧିକାର ନିୟମାବଳୀ

ସୂଚନା ଅଧିକାର ଆଇନ୍ ଅଧୀନରେ ଓଡିଶା ହାଇକୋର୍ଟଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ନିୟମାବଳୀ ଗତ ୮ମେ, ୨୦୦୬ରେ ଓଡିଶା ଅସାଧାରଣ ଗେଜେଟ୍(ସଂଖ୍ୟା-୬୨୮) ରେ ବିଜ୍ଞାପିତ ହୋଇସାରିଛି, କିନ୍ତୁ ଏହା ତାଙ୍କର ୱେବ୍‌ସାଇଟ୍‌ରେ ବା ଅନ୍ୟ ଗଣମାଧ୍ୟମରେ ପ୍ରକାଶ ପାଇନଥିବାରୁ ସାଧାରଣ

ଲୋକେ, ଏପରିକି ଆଇନ୍‌ଜୀବିମାନେ ମଧ୍ୟ ଏବିଷୟରେ ଜାଣିପାରି ନାହାନ୍ତି, ଏହାକୁ ବ୍ୟବହାର କରିବା ଦୂରର କଥା । ଏହି ନିୟମାବଳୀ ଓଡିଶା ହାଇକୋର୍ଟ ଏବଂ ଏଥି ସଂଲଗ୍ନ ତାଲିକାରେ ସୂଚୀତ ସମସ୍ତ ଅଧସ୍ତନ କୋର୍ଟ ପାଇଁ ପ୍ରଯୁଜ୍ୟ । ଏଥିରେ ହାଇକୋର୍ଟର ଜନସୂଚନା ଅଧିକାରୀ ଭାବେ ଅତିରକ୍ତ ଡେପୁଟି ରେଜଷ୍ଟ୍ରାର୍ ଓ ଅପିଲ୍ ଅଧିକାରୀ ଭାବେ ରେଜିଷ୍ଟ୍ରାରଙ୍କୁ ଘୋଷଣା କରିବା ସହିତ ୧୦୦ଟି ଅଧସ୍ତନ କୋର୍ଟରେ ସହକାରୀ ଜନସୂଚନା ଅଧିକାରୀ ଓ ଅପିଲ୍ ଅଧିକାରୀମାନଙ୍କ ପଦବୀ ସୂଚୀତ ହୋଇଛି । ବିଶେଷ ଉଲ୍ଲେଖଯୋଗ୍ୟ, ଏଥିରେ ସୂଚନା ପାଇଁ ଆବେଦନ ଓ ଫିସ୍ ସମ୍ବନ୍ଧରେ ଯେଉଁସବୁ ଜଟିଳ ବ୍ୟବସ୍ଥାମାନ ରଖାଯାଇଛି । ସୂଚନାପାଇଁ ଆବେଦନ ସକାଶେ ଶପଥପାଠ ସମ୍ବଳିତ ଏକ ନିର୍ଦ୍ଧାରିତ ପ୍ରରୂପକୁ ୧୦ଟଙ୍କା ବିନିମୟରେ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ଠାରୁ କିଣି ଆଣିବାକୁ ପଡିବ, ତା'ପରେ ତାକୁ ପୂରଣ କରି ଆବେଦନ ଫିସ୍ ବାବଦ ୫୦ଟଙ୍କାର ନନ୍-ଜୁଡିସିଆଲ୍ ଷ୍ଟାମ୍ପ୍ ସହିତ ସେହି ଅଧିକାରୀଙ୍କ ନିକଟରେ ଜମା ଦେବାକୁ ପଡିବ । ଏହାର ୩ଦିନ ମଧ୍ୟରେ ପୃଷ୍ଠା ପିଛା ୨୦ଟଙ୍କା ହିସାବରେ ସୂଚନା ପ୍ରଦାନ ବାବଦ ମୋଟ୍ କେତେ ଦେୟ ଲାଗିବ, ତାହା ନିର୍ଦ୍ଧାରଣ ହୋଇଯିବ । ୩ମାସ ଭିତରେ ଯଦି ଆବେଦକ ନନ୍-ଜୁଡିସିଆଲ୍ ଷ୍ଟାମ୍ପ ମାଧ୍ୟମରେ ସେହି ଦେୟ ପଇଠ କରି ସୂଚନା ସଂଗ୍ରହ ନକରନ୍ତି ତେବେ ତାହାକୁ ଧ୍ୱଂସ କରିଦିଆଯିବ । ପୁଣି ପ୍ରତି ସୂଚନା ବା ରେକର୍ଡ ପାଇଁ ଅଲଗା କରି ଆବେଦନ କରିବାକୁ ପଡିବ, ଅର୍ଥାତ୍ ଗୋଟିଏ ଆବେଦନରେ ଏକାଧିକ ସୂଚନା ମାଗିହେବନି । ଏହି ନିୟମାବଳୀରୁ ସ୍ପଷ୍ଟ ହେଉନି, ଡାକ କିମ୍ବା ଇମେଲ୍ ଯୋଗେ ଜଣେ ବ୍ୟକ୍ତି ନିଜ ଜାଗାରେ ରହି ସଂପୃକ୍ତ ଅଦାଲତଙ୍କୁ ଆବେଦନ କରିପାରିବେ କି ନାହିଁ । ଏହାଠାରୁ ବଳି ବଡ ପ୍ରଶ୍ନ, ସାଧାରଣ ଲୋକେ ଆବେଦନ, ଦେୟପଇଠ ଓ ସୂଚନା ସଂଗ୍ରହର ଏହି ଜଟିଳ ଓ ଦୁର୍ବହ ବ୍ୟବସ୍ଥାକୁ ଉପଯୋଗ କରିପାରିବେ ତ ?

## ଓଡିଶା ହାଇକୋର୍ଟଙ୍କ ନିୟମାବଳୀ

କିନ୍ତୁ ଏହା ଏକ ଜଣାଶୁଣା କଥା ଯେ, ସୁପ୍ରିମ୍ କୋର୍ଟଙ୍କ ନିୟମାବଳୀ ଭଳି ଓଡିଶା ହାଇକୋର୍ଟ ନିୟମାବଳୀ ମଧ୍ୟ କାଏମ୍ ରହିଛି, ଯେଉଁଠାରେ ସଂପୃକ୍ତ ପକ୍ଷ, ଓ ଏପରିକି ସର୍ବସାଧାରଣଙ୍କୁ ନିରୀକ୍ଷଣର ସୁଯୋଗ ତଥା ସୂଚନା ପ୍ରଦାନ ପାଇଁ ଅତ୍ୟନ୍ତ ସୁଲଭ ଓ ସରଳ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ, ଧାରା-୨୩ (ରେକର୍ଡ ଓ ରେଜିଷ୍ଟର୍‌ଗୁଡିକର ନିରୀକ୍ଷଣ)ର ଉପଧାରା (୪)ରେ କୁହାଯାଇଛି ଯେ, ଏଥିପାଇଁ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ । ଜଣେ ବ୍ୟକ୍ତି ମାତ୍ର ଦେଢ ଟଙ୍କାର କୋର୍ଟ ଫି ଦାଖଲ କରି ଏକକାଳୀନ ଯେତେ ସମୟ ଧରି ଗୋଟିଏ ରେକର୍ଡକୁ ନିରୀକ୍ଷଣ କରିପାରନ୍ତି, ଆଉ ମାତ୍ର ଅଧିକ ଦେଢଟଙ୍କାର ଜରୁରୀ ଫିସ୍ ଦେଲେ ସେ ଆବଦନ କରିବା ଦିନହିଁ ନିରୀକ୍ଷଣ କରିପାରିବେ [ଧାରା-୨୧(୬)] । ପୁଣି ସେହି ଧାରା-୨୧ରେ ଅଛି ଯେ, ୧୮୦ ଶବ୍ଦ ବିଶିଷ୍ଟ ଇଂରାଜୀରେ ଲିଖିତ ଗୋଟିଏ ପୃଷ୍ଠାର ସୂଚନା ପାଇଁ ମାତ୍ର ପଚାଶ ପଇସା ଓ ପ୍ରତି ଅତିରକ୍ତ ୧୮୦ ଶବ୍ଦ ପାଇଁ ଆଉ ପଚାଶ ପଇସା ହିସାବରେ ଆବେଦକଙ୍କୁ ଦେବାକୁ ପଡିବ । ଓଡିଆ ବା ଅନ୍ୟାନ୍ୟ ଭାରତୀୟ ଭାଷା ପାଇଁ ୨୪୦ଶବ୍ଦ ବିଶିଷ୍ଟ ପୃଷ୍ଠା ପାଇଁ ମାତ୍ର ୫୦ ପଇସା ଲାଗିବ । ଆବଶ୍ୟକୀୟ ଫିସ୍ ସହିତ ଜରୁରୀ ଭିତ୍ତିରେ ପ୍ରତିଲିପି ନେବାକୁ ଚାହିଁଲେ ଆବେଦକଙ୍କୁ ୧ଟଙ୍କାର ଜରୁରୀ ଫିସ୍ ଦେବାକୁ ପଡିବ ତଥା ଇଂରାଜୀରେ ପ୍ରତି ୭୨୦ ଶବ୍ଦ ବା କୌଣସି ଭାରତୀୟ ଭାଷାରେ ପ୍ରତି ୯୬୦ ଶବ୍ଦ ପାଇଁ ମାତ୍ର ୩ଟଙ୍କା ଲାଗିବ । ଏହାଛଡା ଯଦି ଆବେଦକ ଜେରକ୍ସ ନକଲ ନେବାକୁ ଚାହିଁବେ, ତେବେ ତାଙ୍କୁ ପ୍ରତି ପୃଷ୍ଠା ପିଛା ମାତ୍ର ୬୫ ପଇସା ଦେବାକୁ ପଡିବ । ଯଦି କୌଣସି କାରଣରୁ ପ୍ରସ୍ତୁତ ହୋଇସାରିଥିବା ସୂଚନା ଆବେଦକଙ୍କୁ ତୁରନ୍ତ ହସ୍ତାନ୍ତର କରାଯାଇ ପାରିଲା ନାହିଁ, ତେବେ ପ୍ରତିଲିପି ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ ବିକଳ୍ପ ତାରିଖରେ ସୂଚନା ସଂଗ୍ରହ କରିନେବା ପାଇଁ ଆବେଦକଙ୍କୁ ଖବର ଦେବେ [ଧାରା-୨୧(୨୪)] । ପୁଣି କୁହାଯାଇଛି ଯେ, ସାଧାରଣ ସୂଚନା ପ୍ରଦାନ କ୍ଷେତ୍ରରେ ଆବଶ୍ୟକୀୟ କୋର୍ଟ ଫି ପ୍ରଦାନ ପରେ ୫ଦିନରୁ ଅଧିକ ବିଳମ୍ବ ହେବ ନାହିଁ [ଧାରା-୨୧(୩୨)] । ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ ପାଇଁ ସ୍ୱତନ୍ତ୍ର ସୁବିଧାସୁଯୋଗ ପ୍ରଦାନ କରାଯାଇଛି (ଧାରା-୨୪) ।

## ହାଇକୋର୍ଟ ସ୍ତରରେ ସଂଗତୀକରଣ ଜରୁରୀ

ଆମେ ଲକ୍ଷ୍ୟ କଲେ, ସର୍ବସାଧାରଣଙ୍କ ଦ୍ୱାରା ସୂଚନାର ନିରୀକ୍ଷଣ ଓ ହାସଲ ପାଇଁ ସୁପ୍ରିମ୍ କୋର୍ଟ ନିୟମାବଳୀ ଭଳି ଇଂରେଜ ଅମଳରୁ ଚଳି ଆସୁଥିବା ଓଡିଶା ହାଇକୋର୍ଟ ନିୟମାବଳୀରେ ଅତ୍ୟନ୍ତ ସୁପରିକଳ୍ପିତ ଓ ଲୋକାଭିମୁଖୀ ବ୍ୟବସ୍ଥାମାନ ସ୍ଥାନ ପାଇଛି । ଏହାହିଁ ତ ହେଉଛି ସୂଚନା ଅଧିକାର ଆଇନ୍-୨୦୦୫ର ପ୍ରାଣସତ୍ତା ! ନୂତନ ଆଇନ୍ ସହିତ ସଂଗତି ରକ୍ଷା ପାଇଁ ଓଡିଶା ହାଇକୋର୍ଟଙ୍କ ପୁରାତନ ନିୟମାବଳୀରେ ଠାଏ ଠାଏ କିଛି ମାମୁଲି ସଂଶୋଧନ ଅଣାଯାଇ ପାରେ; ଯେପରିକି ସୁପ୍ରିମ୍ କୋର୍ଟ ତାଙ୍କ ପୁରୁଣା ନିୟମାବଳୀର ଯଥାସ୍ଥାନରେ ଇମେଲ୍ ଏବଂ ଇଣ୍ଟରନେଟ୍ ବ୍ୟବସ୍ଥାର ଉପଯୋଗ କଥା ଯୋଡିଛନ୍ତି । କିନ୍ତୁ ନୂତନ ଆଇନ୍ ଅଧୀନରେ ସଂପୂର୍ଣ୍ଣ ଭାବେ ନୂଆକରି ଯେଉଁ ନିୟମାବଳୀ ଓଡିଶା ହାଇକୋର୍ଟ ପ୍ରବର୍ତ୍ତନ କରିଛନ୍ତି, ତାହା ଯେ ସାଧାରଣ ନାଗରିକଙ୍କୁ ମହରଗରୁ କାନ୍ତାରକୁ ନେଇଯିବ, ଏଥିରେ ସନ୍ଦେହ ନାହିଁ । ପୁଣି ଏକାଧାରରେ ଓଡିଶା ହାଇକୋର୍ଟର ମୂଳ ନିୟମାବଳୀ ସହିତ ଅସଂଗତ ହେଉଥିବା ସେହି ହାଇକୋର୍ଟଙ୍କ ନୂତନ ସୂଚନା ଅଧିକାର ନିୟମାବଳୀ ବଜାୟ ରହିଲେ କେବଳ ସାଧାରଣ ଲୋକେ କାହିଁକି, ବିଭିନ୍ନ ସ୍ତରର ନ୍ୟାୟବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ମଧ୍ୟ ବିଭିନ୍ନ ପ୍ରକାର ବିଭ୍ରାନ୍ତି କାର୍ଯ୍ୟ କରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡିଶା ହାଇକୋର୍ଟଙ୍କ ଭଳି ଆଉ କେତେକ ହାଇକୋର୍ଟ ମଧ୍ୟ ସୂଚନା ଅଧିକାର ଆଇନ୍ ଅଧୀନରେ ନୂଆ ନିୟମାବଳୀ ପ୍ରଣୟନ କରି ନ୍ୟାୟାଳୟରୁ ସୂଚନା ପ୍ରଦାନ ବ୍ୟବସ୍ଥାକୁ ଅଧିକ ଜଟିଳ, ଅର୍ଥବହୁଳ ଓ ସମୟସାପେକ୍ଷ କରିଦେଇଛନ୍ତି । ଉଚ୍ଚ ନ୍ୟାୟାଳୟମାନଙ୍କର ଏପ୍ରକାର ଅଶୁଭ ପ୍ରବଣତାକୁ ଲକ୍ଷ୍ୟ କରି ବିଶିଷ୍ଟ ଆଇନଜ୍ଞ ଶ୍ରୀ ପ୍ରଶାନ୍ତ ଭୂଷଣ କହିଛନ୍ତି, "ଅନେକ ହାଇକୋର୍ଟ ନିଜର ପ୍ରଶାସନିକ ଏବଂ ବିତ୍ତୀୟ ବ୍ୟାପାର ସମ୍ବନ୍ଧରେ ନାଗରିକମାନଙ୍କୁ ସୂଚନା ପ୍ରଦାନ ନକରିବାକୁ ନିଜ ଢଙ୍ଗରେ ନିୟମାବଳୀ ପ୍ରଣୟନ କରିଛନ୍ତି (ଦ୍ରଷ୍ଟବ୍ୟ: ସୂଚନା ଅଧିକାର ଓ ନ୍ୟାୟପାଳିକା, ଟ୍ରାନ୍‌ସପାରେନ୍ସି ରିଭିଉ, ଏପ୍ରିଲ୍-ମେ, ୨୦୦୭) । ସୁତରାଂ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ପ୍ରକାର ବିଭ୍ରାନ୍ତିର ଅବସାନ ପାଇଁ ଓଡିଶା ହାଇକୋର୍ଟ ଗତ ମେ ୨୦୦୬ରେ ବିଜ୍ଞପ୍ତି କରିଥିବା ନୂତନ ନିୟମାବଳୀକୁ ପ୍ରତ୍ୟାହାର କରିବା ସହିତ ସୂଚନା ପ୍ରଦାନ ବାବଦରେ ତାଙ୍କର ମୂଳ ନିୟମାବଳୀରେ ଥିବା ମୌଳିକ ବ୍ୟବସ୍ଥାଗୁଡିକୁ ବଜାୟ ରଖି ସୁପ୍ରିମ୍ କୋର୍ଟଙ୍କ ଭଳି ଆବଶ୍ୟକ ସ୍ଥଳେ ତହିଁର ସାମାନ୍ୟ ସଂଶୋଧନ କରିପାରିଲେ ଉଭୟ ନ୍ୟାୟବ୍ୟବସ୍ଥା ଏବଂ ଓଡିଶା ଜନସାଧାରଣ ଉପକୃତ ହୋଇପାରିବେ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 12th April, 2008**